# ଭାରତୀୟ ଜନ ସଞ୍ଚାର ସଂସ୍ଥାନ, ନୂଆଦିଲ୍ଲୀ

## ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା କାର୍ଯ୍ୟକ୍ରମ- ୨୦୨୫-୨୬

## ନାମଲେଖା ପାଇଁ ଗୁରୁତ୍ୱପୂର୍ଣ୍ଣ ତାରିଖ ଓ ନିର୍ଦ୍ଦେଶାବଳୀ

| | |
|---|---|
| ଆଇଆଇଏମ୍‌ସି ୱେବ୍‌ସାଇଟ୍‌ରେ ଆବେଦନ ଫର୍ମ ଉପଲବ୍ଧ | ୩ ମାର୍ଚ୍ଚ, ୨୦୨୫ |
| ଆବେଦନ ଫର୍ମ ଦାଖଲର ଶେଷ ତାରିଖ | ୨୮ ଏପ୍ରିଲ, ୨୦୨୫ |
| ପ୍ରବେଶିକା ପରୀକ୍ଷା | ୧୮ ମେ', ୨୦୨୫ |
| | (ସକାଳ ୧୦.୦୦ଟା ରୁ ଦିନ ୧.୦୦) |
| ପ୍ରବେଶିକା ପରୀକ୍ଷା ଫଳାଫଳ ଘୋଷଣା | ୩୦ ମେ', ୨୦୨୫ |
| ସାକ୍ଷାତକାର | ଜୁନ୍ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହ |
| ଚୂଡ଼ାନ୍ତ ଫଳାଫଳ | ଜୁନ୍ ତୃତୀୟ ସପ୍ତାହ |
| ପ୍ରବେଶିକା ପରୀକ୍ଷା କେନ୍ଦ୍ର: | |
| ଭୁବନେଶ୍ୱର    ବ୍ରହ୍ମପୁର    ବାଲେଶ୍ୱର    ସମ୍ବଲପୁର    ଢେଙ୍କାନାଳ | |

### ଆବେଦନ ଫର୍ମ ପୂରଣ କରିବାର ନିର୍ଦ୍ଦେଶାବଳୀ

୧. ଛାତ୍ରଛାତ୍ରୀଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ପ୍ରବେଶିକା ପରୀକ୍ଷା ଦେୟ ପୈଠ କରିବାକୁ ହେବ; ଉଦାହରଣ- ୟୁପିଆଇ, ଭିମ୍ ଆପ୍, ଏନ୍ ଇଏଫ୍‌ଟି, ଆର୍‌ଟିଜିଏସ୍ କିମ୍ବା ବ୍ୟାଙ୍କରୁ ବ୍ୟାଙ୍କ ଟ୍ରାନ୍ସଫର ଇତ୍ୟାଦି । ଦେୟ ପୈଠ ପରିମାଣ ନିମ୍ନରେ ଦିଆଯାଇଛି :

| କ୍ରମ | ସଂଖ୍ୟା ବର୍ଗ | ପରିମାଣ (ଭାରତୀୟ ମୁଦ୍ରାରେ) |
|---|---|---|
| ୧ | ସାଧାରଣ | ୫୦୦ ଟଙ୍କା |
| ୨ | ଅନ୍ୟାନ୍ୟ ପଛୁଆ ବର୍ଗ/ସାଧାରଣ ବର୍ଗର ଆର୍ଥିକ ଅନଗ୍ରସର ବର୍ଗ | ୩୫୦ଟଙ୍କା |
| ୩ | ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ ଦିବ୍ୟାଙ୍ଗ (ପିଡବ୍ଲ୍ୟୁଡି) | ୩୫୦ ଟଙ୍କା |

୨. ଆଇଆଇଏମ୍‌ସିର ବ୍ୟାଙ୍କ ବିବରଣୀ:

Name of Account Holder:
Indian Institute of Mass Communication, Dhenkanal
Account No.**3033644720**
Name of Bank: Central Bank of India
Branch: Dhenkanal -759001
IFSC: CBIN0283437

୩. ଆବେଦନକାରୀଙ୍କୁ ନିଜ ହସ୍ତାକ୍ଷରରେ ଇଂରାଜୀ କିମ୍ବା ଓଡ଼ିଆ ଭାଷାରେ ଫର୍ମ ପୂରଣ କରିବାକୁ ହେବ ।

୪. ଅଗ୍ରାଧିକାର ସୂତ୍ରରେ ନିଜ ପସନ୍ଦର ପରୀକ୍ଷା କେନ୍ଦ୍ର ଚୟନ କରନ୍ତୁ । ଆପଣଙ୍କ ପ୍ରଥମ ପସନ୍ଦରେ'୧' ଲେଖନ୍ତୁ, ଦ୍ୱିତୀୟ ପସନ୍ଦରେ '୨' ଲେଖନ୍ତୁ ଏବଂ ପରବର୍ତ୍ତୀ ପସନ୍ଦର ପରୀକ୍ଷା କେନ୍ଦ୍ର ଏହିପରି ଭାବରେ ଦର୍ଶାନ୍ତୁ । ଯଦି ଆପଣ ପସନ୍ଦ କରିଥିବା ପରୀକ୍ଷା କେନ୍ଦ୍ରରେ ଯଥେଷ୍ଟ ଆବେଦନକାରୀ ନଥା'ନ୍ତି, ତେବେ ଆପଣ ଦର୍ଶାଇଥିବା ପସନ୍ଦ ଅନୁସାରେ ନିକଟବର୍ତ୍ତୀ ପରୀକ୍ଷା କେନ୍ଦ୍ରରେ ପ୍ରବେଶିକା ପରୀକ୍ଷା ଦେବାକୁ ସ୍ଥିର କରାଯିବ ।

୫. ଆବେଦନ ଫର୍ମରେ ଆବେଦନକାରୀ ନିଜର ଏକ ସଦ୍ୟତମ ପାସ୍‌ପୋର୍ଟ ଫଟୋ ଲଗାଇବା ଦରକାର ଏବଂ ଫଟୋ ଉପରେ ନିଜର ଦସ୍ତଖତ କରିବା ବାଧ୍ୟତାମୂଳକ ।

୬. ଯୋଗ୍ୟତା: ଯେଉଁ ଭାରତୀୟ ନାଗରିକ ସେମାନଙ୍କର ସ୍ନାତକ ଡିଗ୍ରୀ ଏକ ସ୍ୱୀକୃତ ବିଶ୍ୱବିଦ୍ୟାଳୟରୁ ହାସଲ କରିଥିବେ, ସେମାନେ ଏଥିପାଇଁ ଆବେଦନ କରିପାରିବେ ।  ଯେଉଁ ଛାତ୍ରଛାତ୍ରୀମାନେ ସ୍ନାତକ ଶେଷ ବର୍ଷ/ସେମିଷ୍ଟର ପରୀକ୍ଷା ଦେଇଥିବେ ସେମାନେ ମଧ୍ୟ ଆବେଦନ କରିବାକୁ ଯୋଗ୍ୟ ବିବେଚିତ । ଯଦି ସେମାନେ ନାମଲେଖା ପାଇଁ ଚୟନ ହୁଅନ୍ତି, ତେବେ ସେମାନଙ୍କୁ ୨୦୨୫ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟର ପ୍ରୋଭିଜନାଲ ମାର୍କସିଟ୍/ସାର୍ଟିଫିକେଟ୍ ଦାଖଲ କରିବାକୁ ହେବ, ନଚେତ୍ ସେମାନଙ୍କ ନାମଲେଖାକୁ ନାକଚ କରାଯିବ । (ଜରୁରୀ ସ୍ଥିତିରେ ଉପଯୁକ୍ତ କାରଣ ଦର୍ଶାଇଲେ ଏହି ତାରିଖ ଘୁଞ୍ଚାଯାଇପାରେ) । ଯେଉଁ ଛାତ୍ରଛାତ୍ରୀମାନେ ଯାଞ୍ଚ ପାଇଁ ଆଇଆଇଏମ୍‌ସି କାର୍ଯ୍ୟାଳୟରେ ଅରିଜିନାଲ ଡିଗ୍ରୀ ସାର୍ଟିଫିକେଟ୍ ଦାଖଲ କରନ୍ତି, କେବଳ ସେହି କାର୍ଯ୍ୟକ୍ରମ ସମାପ୍ତି ପରେ ଡିପ୍ଲୋମା ଉପାଧି ପ୍ରଦାନ କରାଯିବ ।

୭. ଜନ୍ମ ତାରିଖ: ସାଧାରଣ ବର୍ଗର ଆବେଦନକାରୀ ୧.୮.୨୦୦୦ କିମ୍ବା ତା'ପରେ (୧ ଅଗଷ୍ଟ ୨୦୨୫ ସୁଦ୍ଧା ସର୍ବାଧିକ ୨୫ ବୟସ) ଜନ୍ମ ହୋଇଥିବା ଆବଶ୍ୟକ । ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ଦିବ୍ୟାଙ୍ଗ ଆବେଦନକାରୀଙ୍କ ଜନ୍ମ ତାରିଖ ୧.୮.୧୯୯୫ କିମ୍ବା ତା'ପରେ (୧ ଅଗଷ୍ଟ ୨୦୨୫ ସୁଦ୍ଧା ସର୍ବାଧିକ ୩୦ ବୟସ) ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ପାଇଁ ଜନ୍ମ ତାରିଖ ୧.୮.୧୯୯୭ କିମ୍ବା ତା'ପରେ (୧ ଅଗଷ୍ଟ ୨୦୨୫ ସୁଦ୍ଧା ସର୍ବାଧିକ ୨୮ ବୟସ) ହୋଇଥିବା ଦରକାର ।

୮. ଆବେଦନକାରୀ ଆଇଆଇଏମ୍‌ସିର ୱେବ୍‌ସାଇଟ୍ ଙଙଙ.ସସଜ୍ଞମ.ଶକ୍ଟଙ୍ଖ.ସଭରୁ ଆବେଦନ ଫର୍ମ ଡାଉନ୍‌ଲୋଡ୍ କରିବା ପରେ ତାକୁ ପୂରଣ କରି ନିମ୍ନ ଠିକଣାରେ ଡାକ ମାଧ୍ୟମରେ ପଠେଇବାକୁ ପଡ଼ିବ । ୩୦ ଏପ୍ରିଲ ୨୦୨୫ ସୁଦ୍ଧା ଆବେଦନ ଫର୍ମଟି ପହଞ୍ଚିବା ଜରୁରୀ । ଡାକଜନିତ ବିଳମ୍ବ ପାଇଁ ଆଇଆଇଏମ୍‌ସି କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ସେହିପରି ଛାତ୍ରଛାତ୍ରୀମାନେ ଗୁଗୁଲ୍ ଲିଙ୍କ ମାଧ୍ୟମରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ନାମଲେଖା ପାଇଁ ଆବେଦନ କରିପାରିବେ । ଠିକଣା:

**ଆଞ୍ଚଳିକ ନିର୍ଦ୍ଦେଶକ**
**ଭାରତୀୟ ଜନ ସଞ୍ଚାର ସଂସ୍ଥାନ ଢେଙ୍କାନାଳ,**
**ସଞ୍ଚାର ମାର୍ଗ, ଢେଙ୍କାନାଳ- ୭୫୯୦୦୧**

୯. ଆବେଦନକାରୀ ଫର୍ମ ପୂରଣ କରିସାରିବା ପରେ ତାକୁ ଏକ ଲଫାପାରେ ଭର୍ତ୍ତି କରି ସେହି ଲଫାପା ଉପରେ ଇଂରାଜୀ କ୍ୟାପିଟାଲ ଅକ୍ଷରରେ "APPLICATION for ODIA JOURNALISM PROGRAMME" ଲେଖିବା ଆବଶ୍ୟକ ।

୧୦. ଆବେଦନ ଫର୍ମ ସହିତ ଆବଶ୍ୟକ ଦସ୍ତାବିଜ ନିମ୍ନ ଇମେଲ୍ ଠିକଣାରେ ପଠେଇବା ଜରୁରୀ ।
iimcdhenkanal1993@gmail.com

୧୧. ନାମଲେଖା ସମ୍ପର୍କିତ ଯଦି କିଛି ଦ୍ୱନ୍ଦ୍ୱ କିମ୍ବା ସ୍ପଷ୍ଟୀକରଣ ଲୋଡ଼ନ୍ତି, ତେବେ ଛାତ୍ରଛାତ୍ରୀ ନିମ୍ନ ଅଧିକାରୀଙ୍କୁ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୧ ରୁ ଅପରାହ୍ନ ୪ଟା ଭିତରେ ଯୋଗଯୋଗ କରିପାରନ୍ତି ।

ଶ୍ରୀ ଜିତେନ୍ଦ୍ର ପତି (ଶିକ୍ଷା ସଂଯୋଜକ ତଥା ସୂଚନା ଓ ପ୍ରଯୁକ୍ତି ବିଦ୍ୟା)- ୯୪୩୭୪୪୪୨୦୦

ପ୍ରଫେସର (ଡ.) ଆନନ୍ଦ ପ୍ରଧାନ
ଆଞ୍ଚଳିକ ନିର୍ଦ୍ଦେଶକ